

JAN - FEB 2006

**An Oriya Bimonthly Bulletin**
**Published By the Church of Christ**

# THE VOICE OF TRUTH

Edited & Published By
Joshua & Kabita Gootam

**CHURCH OF CHRIST**
P.O.Box.No. 80, KAKINADA
A.P. - 533 001.
Ph : 0884 - 2363722

**VOL. 11. JANUARY & FEBRUARY 2006 (NO. 1)**

Published every two months in Oriya Language for the Restoration of pure New Testament Christianity

Watch *SATYA VANI* on TEJ Channel Every Saturday and every Tuesday on MAA TV at 6:30 a.m. in Telugu Language.

**Speakers :** Joshua Gootam & Ricky Gootam

Write for free Bible Correspondence Course in Telugu & Oriya to:

The Director
Bible Correspondence Course
P.O.Box. No. 80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

VOL - XI KAKINADA JAN-FEB

## ବିଭିନ୍ନ ଉପାସନା ପଦ୍ଧତି

## (Kinds of Worship)

ନୂତନ ନିୟମର ପୃଷ୍ଠାଗୁଡ଼ିକରେ ତିନୋଟି ଉପାସନା ପଦ୍ଧତି ବିଷୟରେ ଉଲ୍ଲେଖ କରାଯାଏ । ଏହି ତିନୋଟି ଉପାସନା ପଦ୍ଧତିରୁ କେଉଁ ପଦ୍ଧତି ସଦାପ୍ରଭୁ ପରମେଶ୍ୱରଙ୍କ ଗ୍ରାହ୍ୟ ଯୋଗ୍ୟ ଏହି ଅଧ୍ୟାୟରେ ବିଶ୍ଳେଷଣ କରିବା । ଯଦିଓ ମାନବ ଜାତି ବିଭିନ୍ନ ଭାବେ ଶକ୍ତିଗୁଡ଼ିକର ଉପାସନା କରନ୍ତି, ତଥାପି ପ୍ରତ୍ୟେକ ସତ୍ୟ ଉପାସନା ନୁହେଁ । ସତ୍ୟ ଉପାସନା ବିନୁ ଅନ୍ୟ କୌଣସି ଉପାସନା ମନୁଷ୍ୟ ସମାଜର ହିତଜନକ ନୁହେଁ ।

### ୧) ଅଜ୍ଞାତ ଉପାସନା

ଆଥନୀରେ ପାଉଲ ସେମାନଙ୍କ ଅପେକ୍ଷାରେ ଥିବା ସମୟରେ ସେହି ନଗରକୁ ପ୍ରତିମାରେ ପରିପୂର୍ଣ୍ଣ ଦେଖି ତାଙ୍କ ଆତ୍ମା ଉତ୍ତପ୍ତ ହୋଇ ଉଠିଲା । ତେଣୁ ସେ ସମାଜ ଗୃହରେ ଯିହୂଦୀ ଓ ଯିହୂଦୀମତାବଲମ୍ବୀ ବିଜାତୀୟମାନଙ୍କ ସହିତ, ଆଉ ବଜାର ଛକରେ ପ୍ରତିଦିନ ଯେଉଁମାନଙ୍କ ସାଙ୍ଗରେ ଦେଖା ହେଉଥିଲା, ସେମାନଙ୍କୁ ଉପଦେଶ ଦେଉଥିଲେ । ସେଥିରେ ଏପିକୂରୀୟ ଓ ସ୍ତୋୟିକ କେତେକ ଦାର୍ଶନିକ ମଧ୍ୟ ତାଙ୍କ ସହିତ ବାଦାନୁବାଦ କରିବାକୁ ଲାଗିଲେ, ପୁଣି କେହି କେହି କହିଲେ, ଏ ବାଚାଳଟା କଅଣ କହିବାକୁ ଇଚ୍ଛା କରୁଅଛି ? ଆଉ କେହି କେହି କହିଲେ, ଏ ଅଜଣା ଦେବତାମାନଙ୍କର ପ୍ରଚାରକ ହେଲା ପରି ଜଣା ଯାଉଅଛି । କାରଣ ସେ ଯୀଶୁ ଓ ପୁନରୁତ୍ଥାନ ବିଷୟକ ସୁସମାଚାର ପ୍ରଚାର କରୁଥିଲେ । ପରେ ସେମାନେ ତାଙ୍କୁ ଆରପାରକୁ ଘେନି ଯାଇ କହିଲେ, ଏହି ଯେ ନୂତନ ଶିକ୍ଷା ଆପଣ ଦେଇଅଛନ୍ତି, ତାହା କଅଣ ବୋଲି ଆମ୍ଭେମାନେ ଜାଣିପାରିବା କି ? କାରଣ ଆପଣ କେତେକ ଅଦ୍ଭୁତ ବିଷୟ ଆମ୍ଭମାନଙ୍କ କର୍ଣ୍ଣଗୋଚର କରୁଅଛନ୍ତି, ଅତଏବ ଏହି ସମସ୍ତ କଥାର

ଅର୍ଥ କ'ଣ, ଆମ୍ଭେମାନେ ତାହା ଜାଣିବାକୁ ଇଚ୍ଛା କରୁ । ଆଥୀନିୟ ଲୋକ ସମସ୍ତେ ଓ ସେଠାରେ ପ୍ରବାସୀ ବିଦେଶୀୟମାନେ କେତେକ କୌଣସି ନୂତନ କଥା କହିବା ଓ ଶୁଣିବା ଛଡ଼ା ଆଉ କାହିଁରେ କାଳ କ୍ଷେପଣ କରୁନଥିଲେ । ଏଥିରେ ପାଉଲ ଆରୟପାଗର ମଧ୍ୟସ୍ଥଳରେ ଠିଆ ହୋଇ କହିଲେ, ହେ ଆଥାନୀୟ ଲୋକମାନେ, ଆପଣମାନେ ଯେ ସମସ୍ତ ବିଷୟରେ ବଡ଼ ଦେବ ଭକ୍ତ, ଏହା ମୁଁ ଦେଖୁଅଛି । କାରଣ ମୁଁ ଭ୍ରମଣ କରିବା ସମୟରେ ଆପଣମାନଙ୍କର ପୂଜ୍ୟ ବସ୍ତୁ ସମସ୍ତ ଦେଖୁ ଦେଖୁ ଗୋଟିଏ ଦେବୀ ଦେଖିଲି । ଯାହା ଉପରେ ଏହି କଥା ଲେଖା ହୋଇଅଛି 'ଅଜ୍ଞାତ' ଦେବତାଙ୍କ ଉଦ୍ଦେଶ୍ୟରେ । ଅତଏବ, ଆପଣମାନେ ନଜାଣି ଯାହାଙ୍କର ପୂଜା କରୁଅଛନ୍ତି, ମୁଁ ତାଙ୍କୁ ଆପଣମାନଙ୍କ ନିକଟରେ ପ୍ରଚାର କରୁଅଛି । ଯେଉଁ ଈଶ୍ୱର ଜଗତ ଓ ତନ୍ମଧ୍ୟସ୍ଥ ସମସ୍ତ ପଦାର୍ଥ ସୃଷ୍ଟି କରିଅଛନ୍ତି । ସେ ସ୍ୱର୍ଗ ଓ ପଅଥିବୀର ପ୍ରଭୁ ହେବାରୁ ହସ୍ତ ନିର୍ମିତ ମନ୍ଦିର ସମୂହରେ ବାସ କରନ୍ତି ନାହିଁ । କିଅବା ତାହାଙ୍କର କୌଣସି ଅଭାବ ଥିବାରୁ ମନୁଷ୍ୟ ହସ୍ତ ଦ୍ୱାରା ସେବିତ ହୁଅନ୍ତି ନାହିଁ । ଯେଣୁ ସେ ସ୍ୱୟଂ ସମସ୍ତଙ୍କୁ ଜୀବନ ନିଶ୍ୱାସ ଓ ସମସ୍ତ ପଦାର୍ଥ ଦାନ କରନ୍ତି । ଆଉ, ସେ ପୃଥିବୀର ସର୍ବତ୍ର ବାସ କରିବା ନିମନ୍ତେ ଏକ ବ୍ୟକ୍ତି ଠାରୁ ସମସ୍ତ ମାନବଜାତି ସୃଷ୍ଟି କରିଅଛନ୍ତି । ସେ ସେମାନଙ୍କର ନିର୍ଦ୍ଦିଷ୍ଟ କାଳ ଓ ନିବାସର ସୀମା ସ୍ଥିର କରିଅଛନ୍ତି । ସେମାନେ ଯେପରି ଈଶ୍ୱରଙ୍କର ଅନ୍ୱେଷଣ କରି କାଳେ ଦରାଣ୍ଡି ଦରାଣ୍ଡି ତାହାଙ୍କର ଉଦ୍ଦେଶ୍ୟ ପାଇପାରନ୍ତି, ଯଦ୍ୟପି ସେ ଆମ୍ଭମାନଙ୍କର ଅସ୍ଥି, ଗତି ଓ ସ୍ଥିତି । ଯେପରି ଆପଣମାନଙ୍କର ନିଜ କବିମାନଙ୍କ ମଧ୍ୟରୁ ସୁଦ୍ଧା କେତେକ କହିଅଛନ୍ତି, ''କାରଣ ଆମ୍ଭେମାନେ ମଧ୍ୟ ତାହାଙ୍କର ବଂଶ । ତେବେ, ଆମ୍ଭେମାନେ ଈଶ୍ୱରଙ୍କର ବଂଶ ହେବାରୁ ଈଶ୍ୱରଙ୍କ ସ୍ୱରୂପକୁ ମନୁଷ୍ୟଙ୍କୁ ଶିଳ୍ପ ଓ କଳ୍ପନା ଅନୁସାରେ ଖୋଦିତ ସ୍ୱର୍ଣ୍ଣ କି ରୌପ୍ୟ କି ପ୍ରସ୍ତର ତୁଲ୍ୟ ଜ୍ଞାନ କରିବା ଆମ୍ଭମାନଙ୍କର ଉଚିତ ନୁହେଁ । ଈଶ୍ୱର ସେହି ଅଜ୍ଞାନତାର କାଳ ଉପେକ୍ଷା କରିଅଛନ୍ତି ସତ୍ୟ । କିନ୍ତୁ ଏବେ ସେ ସର୍ବତ୍ର ସମସ୍ତ ମନୁଷ୍ୟମାନଙ୍କୁ ମନ ପରିବର୍ତ୍ତନ କରିବା ନିମନ୍ତେ ଜଣାନ୍ତି, କାରଣ ଯେଉଁଦିନ ସେ ଆପଣା ନିରୂପିତ ବ୍ୟକ୍ତିଙ୍କ ଦ୍ୱାରା ଧାର୍ମିକତାରେ ଜଗତର ବିଚାର କରିବେ । ଏହିପରି ଗୋଟିଏ ଦିନ ସ୍ଥିର କରିଅଛନ୍ତି । ଆଉ ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉତ୍ଥାପନ କରି ଏ ବିଷୟରେ ସମସ୍ତଙ୍କ ନିକଟରେ ପ୍ରମାଣ ଦେଇଅଛନ୍ତି'' (ପ୍ରେରିତ ୧୭:୧୬-୩୧)

ଆଥାନୀ ନିବାସୀମାନଙ୍କ ଅଜ୍ଞାତ ଉପାସନାର ଫଳାଫଳ ବିଷୟରେ ପାଉଲ ସେମାନଙ୍କୁ ଜଣାଇ, ସତ୍ୟ ପରମେଶ୍ୱରଙ୍କ ସତ୍ୟତା ସେମାନଙ୍କୁ ପ୍ରଚାର କରିଥିଲେ ।

ଯାହା ଦେଖିପାରେ ନାହିଁ, ଶୁଣିପାରେ ନାହିଁ, କଥା କହିପାରେ ନାହିଁ, ଆଶୀଷ ଦେଇପାରେ ନାହିଁ ଏପରି ଜୀବନ ଓ ଆତ୍ମାବିହୀନ କାଷ୍ଠ, ପଥର, ଧାତୁର ମୂର୍ତ୍ତିଗୁଡ଼ିକର ଉପାସନା କରିବା କି ଲାଭ ? ଯଦିଓ ଅଦୃଶ୍ୟ ଦେବଗଣର ପ୍ରତିବିମ୍ବ ରୂପ ମନୁଷ୍ୟ ମୂର୍ତ୍ତି ପୂଜା କରନ୍ତି, ତଥାପି ସେହି ଅଦୃଶ୍ୟ ଦେବଗଣ ସତ୍ୟ ଓ ଜୀବନ୍ତ ସର୍ବଶକ୍ତିମାନ୍ ସୃଷ୍ଟିକର୍ତ୍ତା ନୁହଁନ୍ତି । ସ୍ୱର୍ଗ ଓ ପୃଥିବୀର କର୍ତ୍ତା ପିତା ପରମେଶ୍ୱରଙ୍କ ବିଷୟରେ ଅଜ୍ଞାତ ଲୋକେ ନିର୍ଜୀବ ମୂର୍ତ୍ତି ପୂଜା କରନ୍ତି । ପୁରାକାଳରେ ଆଥାନୀବାସୀମାନେ ଯେପରି ଅଜ୍ଞାତ ଉପାସନା କରୁଥିଲେ, ସେହିପରି ଅଜ୍ଞାତ ଉପାସକମାନଙ୍କର କୌଣସି ଯୁଗରେ ମଧ୍ୟ ଅଭାବ ନାହିଁ ।

## ୨) ବୃଥା ଉପାସନା

ଯୀଶୁଖ୍ରୀଷ୍ଟ କହିଲେ,''ସେମାନେ ମନୁଷ୍ୟମାନଙ୍କ ବିଧିଗୁଡ଼ିକ ଧର୍ମର ଉପଦେଶବାଣୀ ବୋଲି ଶିକ୍ଷା ଦେଇ ବୃଥାରେ ଆମ୍ଭର ଆରାଧନା କରନ୍ତି'' (ମାଥିଉ ୧୫:୯) । ''ମୋତେ ପ୍ରଭୁ, ପ୍ରଭୁ ବୋଲି ଡାକନ୍ତି, ଏପରି ପ୍ରତ୍ୟେକେ ସ୍ୱର୍ଗ ରାଜ୍ୟରେ ପ୍ରବେଶ କରିବେ ନାହିଁ । ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରେ, ସେ ପ୍ରବେଶ କରିବ । ସେଦିନ ଅନେକ ମୋତେ କହିବେ, ହେ ପ୍ରଭୁ, ହେ ପ୍ରଭୁ, ଆମ୍ଭେମାନେ କି ତୁମ୍ଭ ନାମରେ ଭାବବାଣୀ କହିଲୁ ନାହିଁ ? ପୁଣି ତୁମ୍ଭ ନାମରେ କି ଭୂତ ଛଡ଼ାଇଲୁ ନାହିଁ ? ଆଉ, ତୁମ୍ଭ ନାମରେ କି ଅନେକ ଶକ୍ତିର କାର୍ଯ୍ୟ କଲୁ ନାହିଁ ? ସେତେବେଳେ ମୁଁ ସେମାନଙ୍କୁ ସ୍ପଷ୍ଟ ରୂପେ କହିବି, ମୁଁ ତୁମ୍ଭମାନଙ୍କୁ କେବେ ହେଁ ଜାଣିନାହିଁ । ହେ ଅଧର୍ମାଚାରୀମାନେ ମୋ' ପାଖରୁ ଦୂର ହୁଅ ।''(ମାଥିଉ ୭:୨୧-୨୩)

ବିନୟ, ଭକ୍ତି ଓ ନମ୍ରତାରେ ଅର୍ପିତ ପ୍ରତ୍ୟେକ ଉପାସନା ପରମେଶ୍ୱରଙ୍କ ଗ୍ରାହ୍ୟ ଯୋଗ୍ୟ ବୋଲି ଅନେକଙ୍କ ମତ । କିନ୍ତୁ ପରମେଶ୍ୱରଙ୍କ ବାକ୍ୟାନୁଯାୟୀ ନହୋଇ, ମନୁଷ୍ୟର ବିଧି ବିଧାନାନୁଯାୟୀ ଉପାସନା ତାହାଙ୍କ ଗ୍ରାହ୍ୟଯୋଗ୍ୟ ନୁହେଁ ବୋଲି ଉପରୋକ୍ତ ବାକ୍ୟ ସୁସ୍ପଷ୍ଟ କରେ ।

## ୩) ସତ୍ୟ ଉପାସନା

ଉପାସନା ବିଷୟରେ ପ୍ରଭୁ ଯୀଶୁ କହନ୍ତି,''ଈଶ୍ୱର ଆତ୍ମା, ପୁଣି ଯେଉଁମାନେ ତାହାଙ୍କ ଉପାସନା କରନ୍ତି, ଆତ୍ମାରେ ଓ ସତ୍ୟରେ ଉପାସନା କରିବା ସେମାନଙ୍କର

ଉଚିତ୍'' (ଯୋହନ ୪:୨୪) । (୧) ପିତା ପରମେଶ୍ୱର ମନୁଷ୍ୟର ଉପାସନୀୟ ପାତ୍ର, (୨) ତାହାଙ୍କ ଦତ୍ତ ନିୟମାବଳୀ ଅନୁଯାୟୀ ଉପାସକମାନେ ତାହାଙ୍କ ଉପାସନା କରିବା ଆବଶ୍ୟକ । ଉପାସକର ଉପାସନା ବାଧ୍ୟବାଧକତାରୁ ନୁହେଁ କିନ୍ତୁ ସ୍ୱେଚ୍ଛାଧିନ । (୩) ଉପାସକ, ସତ୍ୟ ଓ ଆତ୍ମାରେ ଉପାସନା କରିବା ଆବଶ୍ୟକ । ତାହାଙ୍କ ବାକ୍ୟ ହିଁ ସତ୍ୟ ହୋଇଥିବାରୁ, ତାହାଙ୍କ ବାକ୍ୟାନୁଯାୟୀ ଉପାସନା ସତ୍ୟ ଉପାସନା ଅଟେ । ସମସ୍ତ ଜ୍ଞାନ ଓ ବୁଦ୍ଧି ଓ ହୃଦୟ ସହିତ ଉପାସନା, ଆତ୍ମାରେ ଉପାସନା ଅଟେ । ଏହା ହିଁ ପ୍ରଭୁଙ୍କ ଉପାସନାର ସରଳ ସୂତ୍ର । କିନ୍ତୁ ମନୁଷ୍ୟ ଆପଣା ସ୍ୱଇଚ୍ଛା ଓ ସ୍ୱଜ୍ଞାନର ଅନେକ ବିଷୟ ଉପାସନାରେ ଯୋଗ କରି, ଉପାସନା ପଦ୍ଧତି ଜଟିଳ କରିଥାଏ ।

ତାହାଙ୍କ ବ୍ୟକ୍ତ ଆଜ୍ଞାନୁଯାୟୀ ତାହାଙ୍କୁ ଉପାସନା କରିବା ନିମନ୍ତେ ପ୍ରଭୁ ଚାହାନ୍ତି । ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନଙ୍କ ଉଦାହରଣରୁ ଆମ୍ଭେମାନେ ତାହାଙ୍କୁ କିପରି ଭାବେ ଉପାସନା କରିବା ଆବଶ୍ୟକ ଜାଣିପାରୁ । କାରଣ ପରମେଶ୍ୱର ତାହାଙ୍କ ଦତ୍ତ ପଦ୍ଧତି ବ୍ୟତୀତ ଅନ୍ୟ ପଦ୍ଧତି ଗ୍ରହଣ କରିବେ ନାହିଁ । ଆସ, ଆମ୍ଭେମାନେ ତାହାଙ୍କୁ ଆତ୍ମା ଓ ସତ୍ୟରେ ଉପାସନା କରି, ତାହାଙ୍କ ତୁଷ୍ଟ ଉପାସନା ଅର୍ପଣ କରୁ ।

***- J.C. Choate***

❋❋❋

# ଶୟତାନର ପ୍ରତିବାଧା କର
## (Resist the Devil)

ସଦାପ୍ରଭୁ ଯାହା ଆଜ୍ଞା କରିଅଛନ୍ତି, ତାହା ନ କରିବାକୁ ଓ ସଦାପ୍ରଭୁ ଯାହା ଆଜ୍ଞା କରିନାହାନ୍ତି ତାହା କରିବାକୁ ଶୟତାନ ଆମ୍ଭମାନଙ୍କୁ ପ୍ରବର୍ତ୍ତାଏ । ସଦାପ୍ରଭୁଙ୍କ ଆଜ୍ଞା ପାଳନ କରିବା ଦ୍ୱାରା ଆମ୍ଭେମାନେ ଧାର୍ମିକ ଗଣିତ ହୋଇ ତାହାଙ୍କ ଦତ୍ତ ପରିତ୍ରାଣ ପ୍ରାପ୍ତ ହେଉ, ଅବଜ୍ଞା ଦ୍ୱାରା ଦଣ୍ଡିତ ହେଉ । ଆଜ୍ଞା ଅତିକ୍ରମ ହିଁ ପାପ ଓ ପାପର ବେତନ ମୃତ୍ୟୁ । ସେହି ମୃତ୍ୟୁରୁ ରକ୍ଷା କରିବା ନିମନ୍ତେ ସଦାପ୍ରଭୁଙ୍କ ଅଦ୍ୱିତୀୟ ପୁତ୍ର ଏହି ଜଗତରେ ଜନ୍ମଗ୍ରହଣ କରିଥିଲେ ।

ଆମ୍ଭମାନଙ୍କ ଆଦି ପିତା ଓ ମାତା, ଆଦମ ଓ ହବାଙ୍କୁ ସଦାପ୍ରଭୁ ଏଦନ ଉଦ୍ୟାନର ମଧ୍ୟସ୍ଥିତ ବୃକ୍ଷର ଫଳ ଖାଇବାକୁ ନିଷେଧ କରିଥିଲେ । କିନ୍ତୁ ଶୟତାନ

ତାହାଙ୍କୁ କହିଲା,"....ତୁମ୍ଭେମାନେ କୌଣସିରୂପେ ମରିବ ନାହିଁ.... ଏଥିରେ ନାରୀ ସେହି ବୃକ୍ଷକୁ ସୁଖାଦ୍ୟର ଉତ୍ପାଦକ ଓ ନୟନର ଲୋଭଜନକ ଓ ଜ୍ଞାନ ଦେବା ନିମନ୍ତେ ବାଞ୍ଛନୀୟ ଦେଖି ତହିଁରୁ ଫଳ ତୋଳି ଖାଇଲେ । ପୁଣି ଆପଣା ସଙ୍ଗସ୍ଥ ସ୍ୱାମୀଙ୍କ ନିମନ୍ତେ ସେ ମଧ୍ୟ ଖାଇଲେ ।" (ଆଦି ୩:୪-୬) ଏପରି ଭାବେ ସଦାପ୍ରଭୁଙ୍କ ଆଜ୍ଞା ଅତିକ୍ରମ ଦ୍ୱାରା ଏହି ଜଗତରେ ପାପ ପ୍ରବେଶ କଲା ।

ଆମ୍ଭମାନଙ୍କ ଜୀବନଯାତ୍ରାରେ ପ୍ରତ୍ୟେକ ସମୟରେ ଶୟତାନ ସଦାପ୍ରଭୁଙ୍କ ଆଜ୍ଞା ଅବଜ୍ଞା କରିବା ନିମନ୍ତେ ପ୍ରବଞ୍ଚାଏ । କିନ୍ତୁ ଯେଉଁମାନେ ଶୟତାନର ପ୍ରଲୋଭନରେ ପ୍ରତିବାଧା କରନ୍ତି, ସେମାନେ ବିଜୟୀ ହୁଅନ୍ତି । ରୂପ ଓ ସୌନ୍ଦର୍ଯ୍ୟରେ ମନୋହର ଯୋଶେଫଙ୍କ ଉପରେ ତାହାଙ୍କ ପ୍ରଭୁ ପୋଟୀଫରଙ୍କ ଭାର୍ଯ୍ୟାର ଦୃଷ୍ଟି ପଡ଼ିଲା "....ତହୁଁ ତାଙ୍କୁ କହିଲା, ତୁମ୍ଭେ ମୋ ସଙ୍ଗେ ଶୟନ କର । ମାତ୍ର ଯୋଶେଫ ଅସ୍ୱୀକାର କରି ଆପଣା ପ୍ରଭୁର ଭାର୍ଯ୍ୟାକୁ କହିଲେ, ଦେଖ, ଏ ଗୃହରେ ମୋ ଜିମା ଯାହା ଅଛି, ମୋ ପ୍ରଭୁ ତହିଁର ତତ୍ତ୍ୱ ନିଅନ୍ତି ନାହିଁ । ସେ ମୋ ଆପଣାର ସର୍ବସ୍ୱ ସମର୍ପଣ କରିଅଛନ୍ତି । ଏହି ଗୃହରେ ମୋ ଠାରୁ ବଡ଼ କେହି ନାହିଁ, ତୁମ୍ଭେ ତାଙ୍କର ଭାର୍ଯ୍ୟା, ଏଥି ନିମନ୍ତେ କେବଳ ତୁମ୍ଭ ଛଡ଼ା ମୋ ପ୍ରତି ଆଉ କିଛି ମନା ନାହିଁ । ଏହେତୁ ମୁଁ କି ରୂପେ ଏଡ଼େବଡ଼ ଦୁଷ୍ଟତା ଓ ପରମେଶ୍ୱରଙ୍କ ବିରୁଦ୍ଧରେ ପାପ କରିପାରେ ?" (ଆଦି ୩୯:୬-୯) । ଯୋଶେଫ ପୋଟୀଫରଙ୍କ ସ୍ତ୍ରୀର ପ୍ରଲୋଭନକୁ ଅସ୍ୱୀକାର କରିଥିଲେ । ସିଦ୍ଧ, ପବିତ୍ର, ପରମେଶ୍ୱରଙ୍କର ଆଜ୍ଞା ପାଳନକାରୀ ଯୋଶେଫଙ୍କୁ ସେ ଅତ୍ୟଧିକ ଭାବେ ଆଶୀର୍ବାଦ କରିଥିଲେ ।

ବନ୍ଦୀରୂପେ ବାବିଲକୁ ଘେନିଯାଇଥିବା ଯିହୂଦୀୟ ଯୁବାମାନଙ୍କ ମଧ୍ୟରୁ କେତେକଙ୍କୁ  ରାଜପ୍ରାସାଦର କାର୍ଯ୍ୟ ନିମନ୍ତେ କଲଦୀୟ ବିଦ୍ୟା ଓ ଭାଷା ଶିଖାଇବାକୁ ରାଜା ନବଅଦ୍‌ନିତ୍ସର ଆପଣାର ନପୁଂସକାଧିପତି ଅସ୍ପନସକୁ ଆଜ୍ଞା ଦେଲେ । ଯୁବାମାନଙ୍କ ମଧ୍ୟରୁ ଦାନିୟେଲ, ଶଦ୍ରକ୍ । ମୈଶକ ଓ ଅବେଦ୍ ନଗୋ ଆହାରୀୟ ଦ୍ରବ୍ୟରେ ଓ ତାହାର ପାନୀୟ ଦ୍ରାକ୍ଷାରସରେ ଆପଣାକୁ ଅଶୁଚି ନ ପାଇଁ ନିଜ ମନରେ ସ୍ଥିର କଲେ । ସେମାନେ ଦଶଦିନ ପର୍ଯ୍ୟନ୍ତ ଶସ୍ୟ ଓ ଜଳଗ୍ରହଣ କରି ଅନ୍ୟମାନଙ୍କ ଅପେକ୍ଷା ଅଧିକ ହୃଷ୍ଟପୁଷ୍ଟ ଦେଖାଗଲେ । ରାଜକୀୟ ଆହାର ଅପେକ୍ଷା ସଦାପ୍ରଭୁଙ୍କ ଆଜ୍ଞା ପାଳନ କରିବା ସେମାନେ ଶ୍ରେୟସ୍କର ମଣିଥିଲେ । ସଦାପ୍ରଭୁ ସେମାନଙ୍କୁ ଆଶୀର୍ବାଦ କରିଥିଲେ ।

ମାଥିଉ ୪:୧-୧୧ ଓ ଲୂକ ୪:୧-୧୩ ପଦଗୁଡ଼ିକରେ ଯୀଶୁଖ୍ରୀଷ୍ଟ କିପରିଭାବେ ଶୟତାନ ଦ୍ୱାରା ପରୀକ୍ଷିତ ହୋଇଥିଲେ ପଢ଼ିଥାଉଁ । ଚାଳିଶି ଦିନ ଓ ଚାଳିଶି ରାତ୍ରୀ ଉପବାସ କରି କ୍ଷୁଧିତ ଥିବା ଯୀଶୁଖ୍ରୀଷ୍ଟଙ୍କୁ ପରୀକ୍ଷକ ସେଠାରେ ଥିବା ପଥରଗୁଡ଼ିକ ରୋଟୀ ହେବା ପାଇଁ ଆଜ୍ଞା ଦେଇ ଭୋଜନ କରିବା ପାଇଁ ପ୍ରଲୋଭିତ କରିଥିଲା । କିନ୍ତୁ ଯୀଶୁ କହିଲେ, ‘‘ମନୁଷ୍ୟ କେବଳ ରୋଟୀରେ ବଞ୍ଚିବ ନାହିଁ, ମାତ୍ର ଈଶ୍ୱରଙ୍କ ମୁଖରୁ ନିର୍ଗତ ପ୍ରତ୍ୟେକ ବାକ୍ୟରେ ବଞ୍ଚିବ ।’’ ତହିଁ ଉତ୍ତାରେ ଶୟତାନ ତାହାଙ୍କୁ ପୁଣ୍ୟ ନଗରୀକୁ ଘେନିଯାଇ ମନ୍ଦିରର ଛାତ ଉପରେ ଠିଆ କରାଇ ତାହାଙ୍କୁ କହିଲା । ତୁମ୍ଭେ ଯେବେ ଈଶ୍ୱରଙ୍କ ପୁତ୍ର-। ତେବେ ତଳକୁ ଡେଇଁପଡ଼ । କାରଣ ଲେଖାଅଛି, ସେ ଆପଣା ଦୂତମାନଙ୍କୁ ତୁମ୍ଭ ବିଷୟରେ ଆଜ୍ଞା ଦେବେ, ଆଉ କାଳେ ତୁମ୍ଭ ପାଦ ପଥରରେ ବାଜିବ, ଏଥିପାଇଁ ସେମାନେ ତୁମ୍ଭକୁ ହସ୍ତରେ ତୋଳି ଧରିବେ । ଯୀଶୁ ତାହାଙ୍କୁ କହିଲେ । ଆହୁରି ଲେଖାଅଛି, ତୁମ୍ଭେ ପ୍ରଭୁ ଆପଣା ଈଶ୍ୱରଙ୍କୁ ପରୀକ୍ଷା କରିବ ନାହିଁ । ପୁନଶ୍ଚ ଶୟତାନ ତାହାଙ୍କୁ ଗୋଟିଏ ଅତି ଉଚ୍ଚ ପର୍ବତ ଉପରକୁ ଘେନିଯାଇ ଜଗତର ସମସ୍ତ ରାଜ୍ୟ ଓ ସେ ସବୁର ଐଶ୍ୱର୍ଯ୍ୟ ଦେଖାଇ କହିଲା, ତୁମ୍ଭେ ଯେବେ ଆମ୍ଭଙ୍କୁ ଭୂମିଷ୍ଠ ପ୍ରଣାମ କରିବ, ତେବେ ଆମ୍ଭେ ଏହି ସମସ୍ତ ତୁମ୍ଭଙ୍କୁ ଦେବା ତହିଁରେ ଯୀଶୁ ତାହାଙ୍କୁ କହିଲେ, ଦୂର ହୁଅ, ଶୟତାନ, କାରଣ ଲେଖାଅଛି । ତୁମ୍ଭେ ପ୍ରଭୁ ଆପଣା ଈଶ୍ୱରଙ୍କୁ ପ୍ରଣାମ କରିବ, ପୁଣି କେବଳ ତାହାଙ୍କର ଉପାସନା କରିବ । ଏଥିରେ ଶୟତାନ ତାହାଙ୍କୁ ଛାଡ଼ି ଚାଲିଗଲା, ଆଉ ଦେଖ, ଦୂତମାନେ ଆସି ତାହାଙ୍କର ସେବା କରିବାକୁ ଲାଗିଲେ ।’’ ପ୍ରଭୁଯୀଶୁ ଶୟତାନର ପ୍ରତିବାଧା କରିଥିଲେ, ଶୟତାନ ତାହାଙ୍କୁ ଛାଡ଼ି ଚାଲିଯାଇଥିଲା ।

ପ୍ରଭୁଯୀଶୁ ଆମର ବିଶ୍ୱାସର ନେତା, ସିଦ୍ଧିଦାତା ଓ ଆମ୍ଭମାନଙ୍କ ଆଦର୍ଶ । ଯୋଶେଫ, ଦାନିୟେଲ, ଯୀଶୁଖ୍ରୀଷ୍ଟଙ୍କ ସଦୃଶ୍ୟ ଆମ୍ଭେମାନେ ଶୟତାନର ପ୍ରତ୍ୟେକ ପ୍ରଲୋଭନକୁ ପ୍ରତିରୋଧ କଲେ । ବିଜୟୀ ହୋଇ ନିତ୍ୟ ଜୀବନରୂପ ମୁକୁଟ ପାଇପାରିବା । ଯାକୁବ ଲେଖନ୍ତି, ‘‘ତୁମ୍ଭେମାନେ ଈଶ୍ୱରଙ୍କର ବଶୀଭୂତ ହୁଅ, ଶୟତାନକୁ ପ୍ରତିବାଧା କର, ତାହାହେଲେ ସେ ତୁମ୍ଭମାନଙ୍କ ନିକଟରୁ ପଳାଇଯିବ ।’’ (ଯାକୁବ ୪:୭) ଆମ୍ଭମାନଙ୍କ ଶକ୍ତିଦାତା ପ୍ରଭୁଯୀଶୁଙ୍କ ସହାୟତାରେ ସମସ୍ତ ପରୀକ୍ଷା ଜୟକରିପାରିବା ।

**- *Kabita Gootam***

❋❋❋

# ଫିଲିପ ଓ କୂଶୀୟ ଧନଭଣ୍ଡାର ବେବର୍ତ୍ତା

## (Philip and the Treasurer from Ethopia)

ଯିରୁଶାଲମରୁ ଗାଜ୍ଜା ସଡ଼କରେ ଏକ ବ୍ୟକ୍ତି ଯାତ୍ରା କରୁଥିଲେ । ସେ ଯିରୁଶାଲମରେ ଈଶ୍ୱରଙ୍କ ଆରାଧନା କରି ସ୍ୱଦେଶକୁ ପ୍ରସ୍ଥାନ କରୁଥିଲେ । ସେ କୂଶଦେଶବାସୀ ଓ ସେ ଦେଶର ରାଣୀଙ୍କ ଧନଭଣ୍ଡାରର ବେବର୍ତ୍ତା । ତାହାଙ୍କ ବିଷୟରେ ବାକ୍ୟ କହେ, "......କୂଶଦେଶୀୟମାନଙ୍କ କାଣ୍ଡାକୀ ନାମ୍ନୀ ରାଣୀଙ୍କର ଅଧିନସ୍ଥ ଜଣେ ଉଚ୍ଚପଦସ୍ଥ କୂଶୀୟ ନପୁଂସକ, ଯେ ତାଙ୍କ ସମସ୍ତ ଧନଭଣ୍ଡାରର ବେବର୍ତ୍ତା ଥିଲେ, ସେ ପୂଜା କରିବା ନିମନ୍ତେ ଯିରୁଶାଲମକୁ ଆସିଥିଲେ, ସେ ପୂଜା କରିବା ନିମନ୍ତେ ଯିରୁଶାଲମକୁ ଆସିଥିଲେ ।" (ପ୍ରେରିତ ୮:୨୭)

ଏହି ବ୍ୟକ୍ତିଙ୍କ ନାମ କିଅବା ବୟସ ବିଷୟରେ ବାକ୍ୟରେ କିଛି ଲେଖାଯାଇନାହିଁ । କିନ୍ତୁ ସେ ଜଣେ ରାଣୀଙ୍କ ବିଶ୍ୱସ୍ତ ମନ୍ତ୍ରୀ ରୂପେ ଜାଣିପାରୁ । ସେ ଜଣେ ଯିହୂଦା ମତ ଅବଲମ୍ବୀ ଧାର୍ମିକ ବ୍ୟକ୍ତି ଥିଲେ । ଜଗତର ପ୍ରତ୍ୟେକ ପ୍ରାନ୍ତରୁ ଧାର୍ମିକ ଲୋକମାନେ ଯିରୁଶାଲମସ୍ଥ ମନ୍ଦିରରେ ଈଶ୍ୱରଙ୍କ ଆରାଧନା କରିବା ନିମନ୍ତେ ଆସୁଥିଲେ ।

ସେ ଯାତ୍ରା କରୁ କରୁ ଯିହୂଦା ଭାବବାଦୀ ଯିଶାଇୟଙ୍କ ଲିଖିତ ପୁସ୍ତକ ପଠନ କରୁଥିଲେ । ଜଣେ ଅପରିଚିତ ଲୋକେ ଆସି ତାହାଙ୍କୁ କହିଲେ, "........ଆପଣ ଯାହା ପାଠ କରୁଅଛନ୍ତି, ତାହା କଅଣ ବୁଝୁ ଅଛନ୍ତି ?" (ପ୍ରେରିତ ୮:୩୦-୩୧)

ନପୁଂସକଙ୍କ ଅପରିଚିତ ବ୍ୟକ୍ତିକୁ ଆମେ ଜାଣୁ । ତାହାଙ୍କ ନାମ ଫିଲିପ । ଏଥିପୂର୍ବେ ସେ ଯିରୁଶାଲମ ମଣ୍ଡଳୀରେ କାର୍ଯ୍ୟ ତତ୍ତ୍ୱାବଧାନ କରିବା ନିମନ୍ତେ ପ୍ରେରିତମାନଙ୍କ ଦ୍ୱାରା ଅଭିଷିକ୍ତ ହୋଇଥିଲେ । ସେ ଜଣେ ସୁସମାଚାର ପ୍ରଚାରକ । ସେ ଶମିରୋଣରେ ଅନେକ ଆଶ୍ଚର୍ଯ୍ୟ କର୍ମ ସାଧନ କରି ଖ୍ରୀଷ୍ଟଙ୍କୁ ପ୍ରଚାର କରିଥିଲେ (ପ୍ରେରିତ ୮:୫-୮) । ତାହାଙ୍କ କାର୍ଯ୍ୟ ଦ୍ୱାରା ଅନେକ ଖ୍ରୀଷ୍ଟଙ୍କ ଆଜ୍ଞାବହ ହୋଇଥିଲେ । (ପ୍ରେରିତ ୮:୧୨)

ପ୍ରଭୁଙ୍କର ଜଣେ ଦୂତ ଫିଲିପଙ୍କୁ ଯିରୁଶାଲମରୁ ଗଜ୍ଜା ଆଡ଼କୁ ଯିବା ପଥରେ ଯିବା ପାଇଁ ଆଜ୍ଞା ଦେଲେ । ଫିଲିପ ଯାଇ ସେ ରଥ ଦେଖିଲେ ପରେ ପ୍ରଭୁଙ୍କ ଦୂତ

କହିଲେ,"........ନିକଟକୁ ଯାଇ ଏହି ରଥର ସାଙ୍ଗ ଧର ।" (ପ୍ରେରିତ ୮:୨୯) ସେମାନଙ୍କ କଥାବାର୍ତ୍ତା ପରେ ନପୁଂସକ ଫିଲିପଙ୍କୁ ରଥରେ ବସିବାକୁ ଆହ୍ୱାନ ଦେଲେ ଓ ଫିଲିପ ରଥରେ ଚଢ଼ି ତାହାଙ୍କ ନିକଟରେ ବସି ଯୀଶୁଙ୍କ ବିଷୟରେ ତାହାଙ୍କୁ ଶିକ୍ଷା ଦେଲେ । ନପୁଂସକ ଯିଶାଇୟଙ୍କ ପୁସ୍ତକର ୫୩:୭-୮ ପଠନ କରୁଥିଲେ, ଯାହା କହେ,"......ସେ ମେଷ ତୁଲ୍ୟ ହେବା ନିମନ୍ତେ ନୀତ ହେଲେ, ପୁଣି ଲୋମଚ୍ଛେଦନର ସମ୍ମୁଖରେ ମେଷଶାବକ ଯେପରି ନୀରବ ରୁହେ, ସେହିପରି ସେ ଆପଣା ମୁଖ ଫିଟାଇଲେ ନାହିଁ । ତାହାଙ୍କ ଅବନତ ହେବାରେ ତାହାଙ୍କ ଦଣ୍ଡ ଅପସାରିତ ହେଲା । ତାହାଙ୍କ ବଂଶ କିଏ ବର୍ଣ୍ଣନା କରିପାରିବ । କାରଣ ତାହାଙ୍କ ପ୍ରାଣ ପୃଥିବୀରୁ ଅପସାରିତ ହେଲା ।" (ପ୍ରେରିତ ୮:୩୨-୩୩) ଯୀଶୁଙ୍କ ବିଷୟରେ ଶିକ୍ଷାଦେବାର କେତେ ସମଚୀତ ସମୟ ! ଯୀଶୁଖ୍ରୀଷ୍ଟ ଅନ୍ୟାୟଭାବେ ଯାତନା ସହ୍ୟ କଲେ, ବେତ୍ରାଘାତ ସହିଲେ, ଅପମାନିତ ହେଲେ ଏବଂ ଅନ୍ୟାୟ ବିଚାର ଫଳେ କ୍ରୁଶୀୟ ମୃତ୍ୟୁବରଣ କଲେ । ଫିଲିପ ନିଶ୍ଚିତଭାବେ ଯୀଶୁଙ୍କ ଆଶ୍ଚର୍ଯ୍ୟମୟ ଜନ୍ମ, ଜୀବନ ଓ ଶିକ୍ଷା ବିଷୟରେ ତାହାଙ୍କୁ ଜଣାଇଥିବେ । ଈଶ୍ୱରଙ୍କ ପୁତ୍ରଙ୍କ କୃତ ଆଶ୍ଚର୍ଯ୍ୟ କର୍ମଗୁଡ଼ିକ ବିଷୟରେ ଓ ତାହାଙ୍କ ମରଣ ମନୁଷ୍ୟମାନଙ୍କ ଅନନ୍ତଜୀବନଦାୟକ ବିଷୟରେ ସେ ତାହାଙ୍କୁ ଜଣାଇଥିବେ ।

ଫିଲିପ ନିଶ୍ଚିତଭାବେ ଯୀଶୁଙ୍କ ପୁନଃରୁଥାନ ବିଷୟରେ ନପୁଂସକଙ୍କୁ ଜଣାଇଥିବେ । ଯୀଶୁଙ୍କ ବିଷୟରେ ଶିକ୍ଷା ଦେବାର ଅର୍ଥ, ତାହାଙ୍କ ଠାରେ ଥିବା ଜୀବନଦାୟକ ଭରସା ଓ ମୃତ୍ୟୁରେ ତାହାଙ୍କ ସହିତ ଅନନ୍ତଜୀବନ । ତାହାଙ୍କ ଜନ୍ମ, ଜୀବନ, ମରଣ ଓ ପୁନଃରୁଥାନ ଦ୍ୱାରା ଆମ୍ଭେମାନେ ଜୀବନପ୍ରାପ୍ତ ହେଉ ।

**ପରମେଶ୍ୱରଙ୍କ ସନ୍ତୋଷ ପାତ୍ର ହେବା ନିମନ୍ତେ ମନୁଷ୍ୟଙ୍କୁ ବିଶ୍ୱାସଃ** "ଯେଣୁ ତୁମ୍ଭେମାନେ ଯେ ଆପଣା ଆପଣା ପାପରେ ମରିବ, ମୁଁ ତୁମ୍ଭମାନଙ୍କୁ ଏହା କହିଲି, କାରଣ ମୁଁ ଯେ ସେହି ବ୍ୟକ୍ତି, ଏହା ତୁମ୍ଭେମାନେ ବିଶ୍ୱାସ ନକଲେ ଆପଣା ଆପଣା ପାପରେ ମରିବ ।" (ଯୋହନ ୮:୨୪) **ମନପରିବର୍ତ୍ତନ :** ".....ନା, କିନ୍ତୁ ମନପରିବର୍ତ୍ତନ ନକଲେ, ତୁମ୍ଭେମାନେ ସମସ୍ତେ ସେହି ପ୍ରକାରେ ବିନଷ୍ଟ ହେବ ।" (ଲୂକ ୧୩:୩,୫) **ସ୍ୱୀକାର :** "ଆଉ, ଯେକେହି ଲୋକଙ୍କ ସାକ୍ଷାତରେ ମୋତେ ସ୍ୱୀକାର କରିବ, ମୁଁ ମଧ୍ୟ ମୋହର ସ୍ୱର୍ଗସ୍ଥ ପିତାଙ୍କ ସାକ୍ଷାତରେ ତାହାଙ୍କୁ ଅସ୍ୱୀକାର କରିବି ।" (ମାଥିଉ ୧୦:୩୨) **ବାପ୍ତିସ୍ମ :** "ଯେ ବିଶ୍ୱାସ କରେ ସେ ପରିତ୍ରାଣ

ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।'' (ମାର୍କ ୧୬:୧୬)

ଯାତ୍ରୀ, ଫିଲିପଙ୍କ ଶିକ୍ଷାରେ ବିଶ୍ୱାସ କଲେ । ବାକ୍ୟ କହେ,''ଆଉ ସେମାନେ ପଥରେ ଯାଉ ଯାଉ କୌଣସି ଗୋଟିଏ ଜଳାଶୟ ନିକଟରେ ଉପସ୍ଥିତ ହେଲେ, ସେଥିରେ ନପୁଂସକ କହିଲେ, ଏଠାରେ ବି ଜଳ ଅଛି, ମୋହର ବାପ୍ତିଜିତ ହେବା ନିମନ୍ତେ କଅଣ ବାଧା ଅଛି ? ଫିଲିପ କହିଲେ, ଆପଣ ସମସ୍ତ ଅନ୍ତଃକରଣ ସହିତ ଯଦି ବିଶ୍ୱାସ କରନ୍ତି, ତାହା ହେଲେ ହୋଇପାରେ । ସେଥିରେ ସେ ଉତ୍ତର ଦେଲେ, ଯୀଶୁଖ୍ରୀଷ୍ଟ ଯେ ଈଶ୍ୱରଙ୍କ ପୁତ୍ର ଏହା ମୁଁ ବିଶ୍ୱାସ କରୁଅଛି । ପୁଣି, ସେ ରଥ ଠିଆ କରିବାକୁ ଆଜ୍ଞା ଦେଲେ, ଆଉ ଫିଲିପ ଓ ନପୁଂସକ ଉଭୟ ଜଳ ଭିତରକୁ ଓହ୍ଲାଇଗଲେ, ଆଉ ଫିଲିପ ତାଙ୍କୁ ବାପ୍ତିସ୍ମ ଦେଲେ । ସେମାନେ ଜଳ ମଧ୍ୟରୁ ଉଠି ଆସନ୍ତେ, ପ୍ରଭୁଙ୍କର ଆତ୍ମା ଫିଲିପଙ୍କୁ ଘେନିଗଲେ, ଆଉ ନପୁଂସକ ତାଙ୍କୁ ଆଉ ଦେଖିଲେ ନାହିଁ, ତଥାପି ସେ ଆନନ୍ଦ କରୁ କରୁ ଆପଣା ପଥରେ ଚାଲିଗଲେ ।'' (ପ୍ରେରିତ ୮:୩୬-୩୯)

ସେ ଛିଞ୍ଚା ବାପ୍ତିସ୍ମ ବା ଡୁବନ ଗ୍ରହଣ କରିଥିଲେ ? ଫିଲିପ ଓ କୁଶଦେଶୀୟ ନପୁଂସକ ଜଳ ଭିତରକୁ ଓହ୍ଲାଇଗଲେ ବୋଲି ପଢ଼ିପାରୁ, ଅର୍ଥାତ୍‌ସେ ଡୁବନ ଗ୍ରହଣ କରିଥିଲେ, ଯେହେତୁ ଛିଞ୍ଚା ବାପ୍ତିସ୍ମ ନିମନ୍ତେ ଜଳ ଭିତରକୁ ଓହ୍ଲାଇଯିବା ଆବଶ୍ୟକ ନାହିଁ । ନପୁଂସକଙ୍କ ବାପ୍ତିସ୍ମ ଡୁବନ ଥିଲା ଓ ନୂତନ ନିୟମରେ ଲିଖିତ ପ୍ରତ୍ୟେକ ବାପ୍ତିସ୍ମ ଡୁବନ ଅଟେ ।

ଯେଉଁମାନେ ପରମେଶ୍ୱରଙ୍କ ଆଜ୍ଞା ପାଳନ କରନ୍ତି, ପ୍ରତ୍ୟେକ ଆଶୀର୍ବାଦ ପ୍ରାପ୍ତ ହେବେ ।

*- Alfred A. Meeks*

❋❋❋

# ଧର୍ମପରାୟଣତା
## (Godliness)

ପ୍ରେରିତ ପାଉଲ ଲେଖନ୍ତି, "ହଁ, ଏହି କାରଣରୁ ତୁମ୍ଭେମାନେ ଅତି ଯତ୍ନ ସହକାରେ ବିଶ୍ୱାସ ସହିତ ସଦ୍‌ଗୁଣ, ସଦ୍‌ଗୁଣ ସହିତ ଜ୍ଞାନ, ଜ୍ଞାନ ସହିତ ସଂଯମ, ସଂଯମ ସହିତ ଧୈର୍ଯ୍ୟ, ଧୈର୍ଯ୍ୟ ସହିତ ଧର୍ମପରାୟଣତା, ଧର୍ମପରାୟଣତା ସହିତ ଭ୍ରାତୃସ୍ନେହ, ପୁଣି ଭ୍ରାତୃସ୍ନେହ ସହିତ ପ୍ରେମ ଯୋଗ କର ।" (୨ୟ ପିତର ୧:୫-୭)

ଧର୍ମପରାୟଣତା ଏକ ଖ୍ରୀଷ୍ଟିୟ ଗୁଣ । ଏହି ଗୁଣ ଦ୍ୱାରା ମନୁଷ୍ୟ ପ୍ରକୃତ ଖ୍ରୀଷ୍ଟିୟାନ ହୋଇପାରିବ । "Godliness" ଅର୍ଥାତ୍ ଧର୍ମପରାୟଣତାର ଅର୍ଥ "to be like God" ଅର୍ଥାତ୍ ଈଶ୍ୱରଙ୍କ ସ୍ୱରୂପ । ଯାହା ଈଶ୍ୱର ଆଜ୍ଞା କରିଅଛନ୍ତି ତାହା ପାଳନ କରିବା ହିଁ ଈଶ୍ୱର ପରାୟଣତା ବା ଧର୍ମପରାୟଣତା ବାଇବଲରେ ଅନେକଙ୍କ ବିଷୟରେ ପଢ଼ିଥାଉଁ, ଯେଉଁମାନେ ସତ୍ୟ ଈଶ୍ୱରଙ୍କ ଠାରେ ବିଶ୍ୱାସ କରିଥିଲେ, କିନ୍ତୁ ତାହାଙ୍କ ଆଜ୍ଞାପାଳନ କରିନଥିଲେ । ସେମାନେ ଈଶ୍ୱରପରାୟଣ ବ୍ୟକ୍ତିରୂପେ ପରିଗଣିତ ହେବେ ନାହିଁ ।

ଶ୍ରବଣ କର, ବିଶ୍ୱାସ କର, ବାକ୍ୟ ପାଳନ କରିବା ଧର୍ମପରାୟଣତା । ଈଶ୍ୱରଙ୍କ ବାକ୍ୟ ଆମ୍ଭମାନଙ୍କୁ ଯୀଶୁଖ୍ରୀଷ୍ଟଙ୍କ ନିକଟକୁ କଢ଼ାଇ ନିଏ । (ରୋମୀୟ ୧୦:୧୭) ବାକ୍ୟରେ ଲିଖିତ ତାହାଙ୍କ ଆଦର୍ଶ ଆମ୍ଭେମାନେ ଅନୁସରଣ କଲେ, ତାହାଙ୍କ ସଦୃଶ୍ୟ ହୋଇପାରିବା, ଏବଂ ଧର୍ମପରାୟଣ ବ୍ୟକ୍ତିରୂପେ ପରିଗଣିତ ହୋଇପାରିବା ।

କେତେକ ସମୟରେ ପଦର ବିପରୀତ ପଦର ଅର୍ଥ ବୁଝିଲେ, ପଦର ଅର୍ଥ ବୁଝିପାରିବା । ଧାର୍ମିକତାର ବିପରୀତ ପଦ ଅଧାର୍ମିକତା । ଯେଉଁମାନେ ତାହାଙ୍କୁ ପ୍ରେମ କରନ୍ତି ନାହିଁ ଓ ତାହାଙ୍କ ବାକ୍ୟ ପାଳନ କରନ୍ତି ନାହିଁ ସେମାନେ ଅଧାର୍ମିକ । ଯେଉଁମାନେ ଈଶ୍ୱରଙ୍କ ବାକ୍ୟ ବିଶ୍ୱାସ କରନ୍ତି, କିନ୍ତୁ ପାଳନ କରନ୍ତି ନାହିଁ ସେମାନେ ଅଧାର୍ମିକ । ପୁରାକାଳରେ ସଦାପ୍ରଭୁ ଅଧାର୍ମିକମାନଙ୍କୁ ବିନାଶ କରିବା ସଦୃଶ୍ୟ, ସବୁକାଳରେ ଅଧାର୍ମିକମାନଙ୍କୁ ଶାସ୍ତି ଦିଅନ୍ତି । (ଆଦି ୬-୮ ଅଧ୍ୟାୟ) ଅଧର୍ମରେ ପୂର୍ଣ୍ଣ ସଦମ ଓ ଗମରାନ ଗରଗୁଡ଼ିକୁ ସେ ଅଗ୍ନି ଓ ଗନ୍ଧକ ଦ୍ୱାରା ଧ୍ୱଂସ କରିଥିଲେ । (ଆଦି ୧୯) ବାକ୍ୟ କହେ,"କାରଣ ଯେଉଁ ଲୋକମାନେ ଅଧର୍ମରେ ସତ୍ୟକୁ

ପ୍ରତିରୋଧ କରନ୍ତି, ସେମାନଙ୍କର ସମସ୍ତ ଅପବିତ୍ର ଓ ଅଧର୍ମ ବିରୁଦ୍ଧରେ ସ୍ୱର୍ଗରୁ ଈଶ୍ୱରଙ୍କ କ୍ରୋଧ ପ୍ରକାଶିତ ହେଉଅଛି ।'' (ରୋମୀୟ ୧:୧୮) ଆପଣା ହୃଦୟକୁ ଈଶ୍ୱରଙ୍କ ବାକ୍ୟ ଦୂରରେ ରଖିବା ଅଧାର୍ମିକତା ।

ଖ୍ରୀଷ୍ଟ ଈଶ୍ୱରପରାୟଣତାର ସର୍ବଭୌମ ଆଦର୍ଶ । ସେ ସିଦ୍ଧ, ପବିତ୍ର ଜୀବନଯାପନ କରିଥିଲେ । ସେ ଧର୍ମଶାସ୍ତ୍ରରେ ବାଲ୍ୟକାଳରୁ ପ୍ରବୀଣ ଥିଲେ । (ଲୂକ ୨:୪୬, ୪୭) ଈଶ୍ୱରଙ୍କ ବାକ୍ୟ ତାହାଙ୍କ ଜୀବନରେ ପ୍ରତିଫଳିତ ହେଉଥିଲା । ସେ ଶୟତାନ ଦ୍ୱାରା ପରିକ୍ଷିତ ହେବା ସମୟରେ, ଈଶ୍ୱରଙ୍କ ବାକ୍ୟ ସାହାଯ୍ୟରେ ବିଜୟୀ ହୋଇଥିଲେ । (ମାଥିଉ ୪:୪,୭,୧୦)

ପରମେଶ୍ୱରଙ୍କୁ ସେବା କରିବା ଦ୍ୱାରା ଓ ତାହାଙ୍କ ପୁତ୍ର ଖ୍ରୀଷ୍ଟ ଅନୁସରଣ କରିବା ଦ୍ୱାରା ଆମ୍ଭେମାନେ ଧାର୍ମିକ ରୂପେ ପରିଗଣିତ ହେବା । ଆପଣ କି ଧାର୍ମିକରୂପେ ପରିଗଣିତ ହେବାକୁ ଇଚ୍ଛା କରନ୍ତି ? ଖ୍ରୀଷ୍ଟଙ୍କ ଅନୁସରଣ କର ।

***- Truth for Today***

❋❋❋

# ଖ୍ରୀଷ୍ଟଙ୍କ ଠାରେ ଆନନ୍ଦ
## (Joy in Christ)

ପ୍ରେରିତ ପାଉଲ ଫିଲିପୀୟ ମଣ୍ଡଳୀକୁ ଲେଖନ୍ତି,''ସର୍ବଦା ପ୍ରଭୁଙ୍କ ଠାରେ ଆନନ୍ଦ କର, ପୁନଶ୍ଚ କହୁଅଛି, ଆନନ୍ଦ କର ।'' (ଫିଲିପି ୪:୪) ସେ ଥେସଲନୀକୀ ମଣ୍ଡଳୀକୁ ସୁଦ୍ଧା ଏହି ବିଷୟ ଲେଖନ୍ତି, ''ସର୍ବଦା ଆନନ୍ଦ କର ।'' (୧ମ ଥେସ ୫:୧୮) ଜୀବନ ଏତେ ସମସ୍ୟାଯୁକ୍ତ ଥିବା ସମୟରେ ଆମେ କିପରି ଆନନ୍ଦରେ ରହିପାରିବା ? ଏହାର ଉତ୍ତର ଆମେ ବାକ୍ୟରେ ପାଇପାରିବା ।

''ସୁଖ'' (Happiness) ଓ ଆନନ୍ଦ (Joy)ରେ ପ୍ରଭେଦ ଅଛି । ମନୁଷ୍ୟର ପରିସ୍ଥିତି ଉପରେ ମନୁଷ୍ୟର ସୁଖ ଜୀବନ ନିର୍ଭର କରେ, ମନୁଷ୍ୟ ଖାଦ୍ୟ, ପୋଷାକ, ଧନ, ଚାକିରୀ, ବନ୍ଧୁ, ଉତ୍ତମ ସ୍ୱାସ୍ଥ୍ୟ ପ୍ରଭୃତି ଥିଲେ ସେ ସୁଖମୟ ଜୀବନଯାପନ କରିପାରିବ । ଆନନ୍ଦର ଅର୍ଥ ଶାନ୍ତି ଓ ସନ୍ତୋଷରେ ରହିବା । ଏହା ବାହ୍ୟିକ ପରିସ୍ଥିତି ଉପରେ ନିର୍ଭର ନକରି ଆନ୍ତରିକ ଭାବ ଉପରେ ନିର୍ଭର କରେ ।

ଦୁଃଖ, କଷ୍ଟ ଓ ସମସ୍ୟାରେ ଘେରି ରହିଥିବା ମନୁଷ୍ୟ, ଅନ୍ତରରେ ଶାନ୍ତିରେ ଥିଲେ ଆନନ୍ଦରେ ବାସ କରିପାରିବା । ପ୍ରେରିତ ପାଉଲ ଏଫିସୀ ମଣ୍ଡଳୀର ପ୍ରାଚୀନମାନଙ୍କୁ କହିଲେ,"ସମ୍ପୂର୍ଣ୍ଣ ନମ୍ର ମନରେ ଅଶ୍ରୁପାତ ସହିତ ଯିହୁଦୀମାନଙ୍କର ନାନା ଷଡ଼ଯନ୍ତ୍ର ହେତୁ ମୋତେ ଯେ ଯେ ପରୀକ୍ଷା ପଡୁଥିଲା, ସେହିସବୁ ମଧ୍ୟରେ କିପରି ପ୍ରଭୁ ସେବା କରୁଥିଲି...." (ପ୍ରେରିତ ୨୦:୧୯)

ପାଉଲ କରଡ଼ାଘାତ ହୋଇ କାରାଗାରରେ ନିକ୍ଷିପ୍ତ ହେଲେ ବିଭିନ୍ନଭାବେ ତାଡ଼ିତ ହେଲେ କିନ୍ତୁ ସେ ନିରୁତ୍ସାହିତ ହୋଇନଥିଲେ । ସେ ଈଶ୍ୱରଙ୍କ ସନ୍ତାନ, ସେ ପରିତ୍ରାଣ ପ୍ରାପ୍ତ । ପ୍ରଭୁ ତାହାଙ୍କ ଯତ୍ନ ନେବେ, ଏ ବିଶ୍ୱାସ ତାହାଙ୍କର ଥିଲା । ଶେଷରେ ସେ ପ୍ରଭୁଙ୍କ ସହିତ ସ୍ୱର୍ଗରେ ବାସ କରିବ, ଏହିସବୁ ତାହାଙ୍କର ଆନନ୍ଦର କାରଣ ଥିଲା ।

ପ୍ରତ୍ୟେକ ଖ୍ରୀଷ୍ଟିୟାନ ଅନ୍ତରରେ ଆନନ୍ଦ ଅନୁଭବ କରୁ । ଏତଦ୍ୱାରା ସେମାନେ ଅନ୍ୟମାନଙ୍କୁ ଖ୍ରୀଷ୍ଟଙ୍କ ବିଷୟରେ ପ୍ରଚାର କରିପାରିବେ । ଆମ୍ଭମାନଙ୍କ ଅନ୍ତରରେ ଥିବା ଆନନ୍ଦ, ସେମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ ଆକର୍ଷିତ କରିବ । (ଗୀତ ୫୧:୧୨,୧୩) ଆମ୍ଭମାନଙ୍କ ଆନ୍ତରିକ ଆନନ୍ଦ, ଆମ୍ଭମାନଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାରେ ସାହାଯ୍ୟ କରିବ । "ପ୍ରକୃତରେ ଯେଉଁମାନେ ଖ୍ରୀଷ୍ଟଯୀଶୁଙ୍କ ସହଭାଗିତାରେ ଧର୍ମଜୀବନଯାପନ କରିବାକୁ ଇଚ୍ଛା କରନ୍ତି, ସେମାନେ ତାଡ଼ନା ଭୋଗ କରିବେ" ବୋଲି ପାଉଲ ତୀମଥିଙ୍କୁ ଲେଖନ୍ତି । (୨ୟ ତୀମଥି ୩:୧୨) ସମସ୍ୟାର ସମୟରେ, ଆମ୍ଭମାନଙ୍କ ଆନ୍ତରିକ ଆନନ୍ଦ ଆମ୍ଭମାନଙ୍କୁ ବଳବାନ୍ କରିବ । (ନିହିମିୟ ୮:୧୦)

ଆମ୍ଭେମାନେ କିପରି ଆନନ୍ଦ ପାଇପାରିବା ? (୧) ଖ୍ରୀଷ୍ଟ (୨) ପାପରୁ ଧୌତ (୩) ଭରସା ଆମ୍ଭମାନଙ୍କୁ ଆନନ୍ଦ ଦେଇଥାଏ ।

ଐଶ୍ୱରିକ ଆନନ୍ଦ, ଆମ୍ଭେମାନେ କେବଳ ଖ୍ରୀଷ୍ଟଙ୍କ ଠାରେ ପାଇପାରିବା । ଫିଲିପୀୟ ଖ୍ରୀଷ୍ଟିୟାନମାନଙ୍କୁ ପ୍ରେରିତ ପାଉଲ କହନ୍ତି,"ପ୍ରଭୁଙ୍କ ଠାରେ ଆନନ୍ଦ କର" (୪:୪) ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ରଙ୍କ ଠାରେ ଅନନ୍ତଜୀବନ ଅଛି । ଯେଉଁମାନେ ଖ୍ରୀଷ୍ଟଙ୍କ ଠାରେ ଅଛନ୍ତି, ସେମାନେ ଖ୍ରୀଷ୍ଟଙ୍କ ଶରୀରରୂପ ମଣ୍ଡଳୀରେ ଅନ୍ତର୍ଭୁକ୍ତ ଅଟନ୍ତି (ଏଫିସୀ ୧:୨୨,୨୩) ଖ୍ରୀଷ୍ଟଙ୍କ ବାକ୍ୟର ଆଜ୍ଞାବହ ହେବା ଦ୍ୱାରା ଆମ୍ଭେମାନେ ତାହାଙ୍କ ଶରୀରରୂପ ମଣ୍ଡଳୀରେ ପ୍ରବେଶ କରିପାରୁ । କାରଣ ବାକ୍ୟ କହେ,"କାରଣ ତୁମ୍ଭେମାନେ

ସମସ୍ତେ ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କର ସନ୍ତାନ ହୋଇଅଛ । ଯେଣୁ ତୁମ୍ଭେମାନେ ଯେତେଲୋକ ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛ ତୁମ୍ଭେମାନେ ସମସ୍ତେ ଖ୍ରୀଷ୍ଟଙ୍କୁ ପରିଧାନ କରିଅଛ ।'' (ଗାଲାତୀ ୩:୨୬,୨୭) ଆମ୍ଭେମାନେ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରି, ତାହାଙ୍କ ନାମରେ ବାପ୍ତିଜିତ ହୋଇ ପାପରୁ ମୁକ୍ତ ହେଉ ଏବଂ ତାହାଙ୍କ ଦ୍ୱାରା ମଣ୍ଡଳୀରେ ସଂଯୁକ୍ତ ହେଉ । (ମାର୍କ ୧୬:୧୫,୧୬, ପ୍ରେରିତ ୨:୩୬-୪୭, ୧ମ କରିନ୍ଥୀ ୧୨:୧୩) ଏପରି ଭାବେ ପରିତ୍ରାଣ ପ୍ରାପ୍ତ ହୋଇ ଆମ୍ଭେମାନେ ଆନନ୍ଦିତ ହୋଇଥାଉ ।

ଖ୍ରୀଷ୍ଟଙ୍କ ରକ୍ତରେ ଧୌତ ହେଲେ ମନୁଷ୍ୟ ପ୍ରକୃତ ଆନନ୍ଦ ପାଇପାରିବ । ବାକ୍ୟ କହେ, ''କିନ୍ତୁ ସେ ଯେପରି ଜ୍ୟୋତି ନିର୍ବାସୀ, ଆମ୍ଭେମାନେ ଯଦି ସେହିପରି ଜ୍ୟୋତିରେ ଆଚରଣ କରୁ, ତେବେ ଆମ୍ଭମାନଙ୍କର ପରସ୍ପର ସହଭାଗିତା ଅଛି, ପୁଣି ତାହାଙ୍କ ପୁତ୍ର ଯୀଶୁଙ୍କ ରକ୍ତ ସମସ୍ତ ପାପରୁ ଆମ୍ଭମାନଙ୍କୁ ପରିଷ୍କାର କରେ । ......ଯଦି ଆମ୍ଭେମାନେ ଆପଣା ଆପଣା ପାପ ସ୍ୱୀକାର କରୁ । ତେବେ ସେ ଆମ୍ଭମାନଙ୍କୁ ପାପ କ୍ଷମା କରିବାକୁ ଓ ସମସ୍ତ ଅଧର୍ମରୁ ଆମ୍ଭମାନଙ୍କୁ ପରିଷ୍କାର କରିବାକୁ ବିଶ୍ୱସ୍ତ ଓ ନ୍ୟାୟବାନ ଅଟନ୍ତି ।'' (୧ମ ଯୋହନ ୧:୭,୯)

ପରିତ୍ରାଣ ପ୍ରାପ୍ତ ହୋଇ ଥିବାର ଭରସା ଆମ୍ଭମାନଙ୍କ ଆନନ୍ଦର କାରଣ । ଆମ୍ଭେମାନେ ବିଶ୍ୱସ୍ତ ଜୀବନଯାପନ କଲେ ଅନନ୍ତଜୀବନରୂପ ମୁକୁଟ ପ୍ରାପ୍ତ ହେବ । ''ଈଶ୍ୱରଙ୍କ ପୁତ୍ରଙ୍କ ନାମରେ ବିଶ୍ୱାସ କରୁଅଛ ଯେ ତୁମ୍ଭେମାନେ ଯେପରି ଜାଣ ଯେ, ତୁମ୍ଭେମାନେ ଅନନ୍ତ ଜୀବନ ପାଇଅଛ, ଏଥି ନିମନ୍ତେ ମୁଁ ତୁମ୍ଭମାନଙ୍କୁ ପରିତ୍ରାଣପ୍ରାପ୍ତ ଖ୍ରୀଷ୍ଟିୟାନ ମାନେ ଖ୍ରୀଷ୍ଟଙ୍କ ଠାରେ ରହି, ଆନନ୍ଦମୟ ଜୀବନଯାପନ କରନ୍ତି ।

ଆପଣଙ୍କ ଜୀବନ କି ଆନନ୍ଦମୟ । ଯଦି ନୁହେଁ, ଆପଣ ଖ୍ରୀଷ୍ଟଙ୍କୁ ଜାଣିବା ଆବଶ୍ୟକ । ତାହାଙ୍କ ନିକଟକୁ ଆସିବା ଆବଶ୍ୟକ । ତାହାଙ୍କ ଠାରେ ବିଶ୍ୱାସ କର (ଯୋହନ ୮:୨୪) ପାପରୁ ମନ ପରିବର୍ତ୍ତନ କର (ଲୂକ ୧୩:୩) । ଆପଣା ବିଶ୍ୱାସ ତାହାଙ୍କ ଠାରେ ସ୍ୱୀକାର କରି ବାପ୍ତିଜିତ ହୁଅ । (ରୋମୀୟ ୧୦:୯,୧୦) ଖ୍ରୀଷ୍ଟଙ୍କୁ ଧାରଣ କର (ଗାଲାତୀ ୩:୨୭) ଆନନ୍ଦରେ ଏହି ଜଗତରେ ବାସ କର । ଏପରି ଜୀବନ ପରେ, ଆନନ୍ଦରେ ସଦାକାଳ ସଦାପ୍ରଭୁଙ୍କ ସହିତ ବାସ କରିପାରିବ ।

***- Truth for the World***

❋❋❋

# କ୍ଷମାଶୀଳ ଈଶ୍ୱର

ଈଶ୍ୱରପରାୟଣତାର ଅର୍ଥ ଐଶ୍ୱରିକ ଗୁଣ ବିଶିଷ୍ଟ । ଈଶ୍ୱରଙ୍କ ଗୁଣ ପ୍ରାପ୍ତ ହେବାର ଆବଶ୍ୟକତା ଥିବା ସତ୍ତ୍ୱେ ଆମ୍ଭେମାନେ ଅନେକ ସମୟରେ ଝୁଣ୍ଟିପଡୁ । ଆମ୍ଭମାନଙ୍କ ସ୍ୱଭାବ ଆମ୍ଭମାନଙ୍କ ବ୍ୟବହାରରେ ପ୍ରସ୍ଫୁଟିତ ହୁଏ । କାରଣ ଆମ୍ଭେମାନେ ତାହାଙ୍କର ଅଟୁ । ଆମ୍ଭେମାନେ ତାହାଙ୍କ ଆଜ୍ଞା ପାଳନ କରିବା ଦ୍ୱାରା ସେ ଆମ୍ଭମାନଙ୍କ ମଧ୍ୟରେ ବାସ କରନ୍ତି ।

୧ମ ଯୋହନ ୪:୧୨ ପଦରେ ପ୍ରେମ ବିଷୟରେ ଯୋହନ କହନ୍ତି,"କେହି କେବେ ଈଶ୍ୱରଙ୍କୁ ଦେଖି ନାହିଁ, ଆମ୍ଭେମାନେ ଯଦି ପରସ୍ପରକୁ ପ୍ରେମ କରୁ, ତାହାହେଲେ ଈଶ୍ୱର ଆମ୍ଭମାନଙ୍କ ଠାରେ ଅଛନ୍ତି ଓ ତାହାଙ୍କ ପ୍ରେମ ଆମ୍ଭମାନଙ୍କ ଠାରେ ସିଦ୍ଧ ହୋଇଅଛି । ଈଶ୍ୱରଙ୍କ ପ୍ରେମ ଆମ୍ଭମାନଙ୍କ ଜ୍ଞାନର ସୀମାର ଅତି ଉଚ୍ଚ । ତାହାଙ୍କ ପ୍ରେମର ଉଚ୍ଚତା ଓ ଗଭୀରତା ତାହାଙ୍କ ବାକ୍ୟ ଧ୍ୟାନ କରିବା ଦ୍ୱାରା ବୁଝିପାରିବା ।

ଭାବବାଦୀ ଯିଶାଇୟ ଓ ତାହାଙ୍କ ସହସାମୟିକ ଭାବବାଦୀ ମୀଖା ଉଭୟେ ପରମେଶ୍ୱରଙ୍କ ଆଜ୍ଞା ଅମାନ୍ୟ କରିବାର ପ୍ରତିଫଳ ପ୍ରକଟ କରିଥିଲେ । ମୀଖା ପୁସ୍ତକର ଶେଷ ଅଧ୍ୟାୟରେ ସେ କହନ୍ତି,"ତୁମ୍ଭ ତୁଲ୍ୟ ପରମେଶ୍ୱର କିଏ ? ତୁମ୍ଭେ ଅଧର୍ମ କ୍ଷମା କରୁଥାଅ ଓ ଆପଣା ଅଧିକାରର ଅବଶିଷ୍ଟାଂଶ ଲୋକଙ୍କର ଆଜ୍ଞାଲଂଘନର ପ୍ରତି ଉପେକ୍ଷା କରିଥାଅ, ସେ ଚିରକାଳ ଆପଣା କ୍ରୋଧ ରଖନ୍ତି ନାହିଁ । କାରଣରେ ସେ ଦୟାରେ ସନ୍ତୁଷ୍ଟ ଥାଆନ୍ତି ।

"ସେ ପୁନର୍ବାର ଫେରି ଆମ୍ଭମାନଙ୍କ ପ୍ରତି କୃପା କରିବେ, ସେ ଆମ୍ଭମାନଙ୍କର ଅଧର୍ମ ସକଳ ପଦ ତଳେ ଦଳିବେ, ଆଉ ତୁମ୍ଭେ ସେମାନଙ୍କର ଯାବତୀୟ ପାପ ସମୁଦ୍ରର ଅଗାଧ ଜଳରେ ନିକ୍ଷେପ କରିବେ ।" (ମୀଖା ୭:୧୮,୧୯) ଆମ୍ଭମାନଙ୍କର ଈଶ୍ୱର କ୍ଷମାଶୀଳ ପରମେଶ୍ୱର । ଏହା ହିଁ ଆମ୍ଭମାନଙ୍କ ଭରସା । ସେ ଆମ୍ଭମାନଙ୍କ "ଅଧର୍ମ-ସକଳ" ଓ "ଯାବତୀୟ ପାପ" ଅଗାଧ ସମୁଦ୍ରରେ ନିକ୍ଷେପ କରିବେ । ଆମ୍ଭମାନଙ୍କ ମହାନ୍ ପରମେଶ୍ୱର କ୍ଷମାଶୀଳ ପିତା ଅଟନ୍ତି ।

***- Jack W. Carter***

# ତ୍ରି ଏକ ଈଶ୍ୱର
## (The God head)

ମନୁଷ୍ୟମାନଙ୍କ ଅବୁଝା "ତ୍ରି ଏକ ଈଶ୍ୱର" ବୋଲି ଏହି ପଦ ବାଇବଲରେ ଲିଖିତ ହୋଇନାହିଁ । ଦ୍ୱିତୀୟ ବିବରଣୀ ୬:୪ ଯିଶାଇୟ ୪୪:୬, ୪୫:୫,୬, ୧ମ କରିନ୍ଥୀ ୮:୬ ପଦାନୁଯାୟୀ ଈଶ୍ୱର ଏକ ଅଟନ୍ତି । ବାଇବଲ ପିତା ପୁତ୍ରଙ୍କୁ ଓ ପବିତ୍ର ଆତ୍ମାଙ୍କୁ ମଧ୍ୟ ଈଶ୍ୱର ବୋଲି ଉପସ୍ଥାପିତ କରେ । (ଏଫିସି ୧:୩, ଏବ୍ରୀ ୧:୮, ପ୍ରେରିତ ୫:୩,୪) ପ୍ରେରିତ ୧୭:୨୯, ରୋମୀୟ ୧:୨୦, କଲସୀ ୨:୯ ପଦଗୁଡ଼ିକରେ "ଈଶ୍ୱରତ୍ୱ" ବା God head ପଦ ବ୍ୟବହୃତ ହୋଇଅଛି । ପୁରାତନ ନିୟମରେ ଈଶ୍ୱର ଆପଣାକୁ "ଆମ୍ଭେ" "ଆମ୍ଭର" ପ୍ରଭୃତି ବହୁବଚନ ପଦ ଦ୍ୱାରା ପରିଚିତ କରାନ୍ତି । (ଆଦି ୧:୨୬, ୨୭, ୩:୨୨, ୧୧:୭, ଯିଶାଇୟ ୬:୮) । ନୂତନ ନିୟମରେ ଅନେକ ପଦଗୁଡ଼ିକ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କୁ ସମ୍ମିଳିତ ଭାବେ ଉପସ୍ଥାପିତ କରାଯାଏ । ଉଦାହରଣ ସ୍ୱରୂପ :- "ଯୀଶୁ ବାପ୍ତିଜିତ ହେଲାକ୍ଷଣି ଜଳରୁ ଉଠି ଆସିଲେ ଆଉ ଦେଖ ଆକାଶ ଉନ୍ମୁକ୍ତ ହେଲା, ପୁଣି ସେ ଈଶ୍ୱରଙ୍କ ଆତ୍ମାଙ୍କୁ କପୋତ ପରି ଅବତରଣ କରି ଆପଣା ଉପରକୁ ଆସିବା ଦେଖିଲେ । ଆଉ ଦେଖ, ଆକାଶରୁ ଏହି ବାଣୀ ହେଲା, ଏ ଆମ୍ଭର ପ୍ରିୟ ପୁତ୍ର, ଏହାଙ୍କ ଠାରେ ଆମ୍ଭର ପରମ ସନ୍ତୋଷ ।" (ମାଥିଉ ୩:୧୬,୧୬) । ଅତଏବ ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର, ଆଉ ଦେଖ ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି । (ମାଥିଉ ୨୮:୧୯,୨୦) ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଅନୁଗ୍ରହ, ଈଶ୍ୱରଙ୍କ ପ୍ରେମ ଓ ପବିତ୍ର ଆତ୍ମାଙ୍କ ସହଭାଗିତା ତୁମ୍ଭ ସମସ୍ତଙ୍କ ସହବର୍ତ୍ତୀ ହେଉ । (୨ କରିନ୍ଥୀ ୧୩:୧୩)

ଏକ ଈଶ୍ୱରତ୍ୱରେ ତିନିଟି ବ୍ୟକ୍ତିତ୍ୱର ସମ୍ମିଳନ । Dalton keyଙ୍କ ମତରେ ପବିତ୍ର God ପଦ କେବଳ ପିତା ପରମେଶ୍ୱରଙ୍କୁ ବୁଝାଏ, ଏହା ଏକ "ଈଶ୍ୱରତ୍ୱ ପରିବାର"ର ସଂଜ୍ଞା । ଏକ ପରିବାର ସ୍ୱାମୀ, ସ୍ତ୍ରୀ ଏକାଙ୍ଗ ହେଲେ ସୁଦ୍ଧା ଯେପରି ଦୁଇ ଭିନ୍ନ ଭିନ୍ନ ବ୍ୟକ୍ତିତ୍ୱ ସେହିପରି ସ୍ୱର୍ଗୀୟ ଐଶ୍ୱରିକ ପରିବାରର ସଭ୍ୟଗଣ ମଧ୍ୟ ଭିନ୍ନ ଭିନ୍ନ ବ୍ୟକ୍ତିତ୍ୱ ଅଟନ୍ତି ।

ପିତା ଈଶ୍ୱର ଅଟନ୍ତି (ଏଫିସି ୧:୩) ପୁତ୍ର ଯୀଶୁଖ୍ରୀଷ୍ଟ ଈଶ୍ୱର ଅଟନ୍ତି । (ଏବ୍ରୀ ୧:୮) ପବିତ୍ର ଆତ୍ମା ମଧ୍ୟ ଈଶ୍ୱର ଅଟନ୍ତି । ପିତା ଓ ପୁତ୍ର ଦୁହେଁ ନୁହଁନ୍ତି ବୋଲି, ଯୋହନ ୮:୧୬-୧୮, ମାର୍କ ୧୩:୩୨, ପ୍ରେରିତ ୨:୩୩, ୩୬, ୭:୩୫ ପଦଗୁଡ଼ିକ ପ୍ରମାଣ କରେ । ତଥାପି ପିତା ଓ ପୁତ୍ରଙ୍କର ଶିକ୍ଷା, ସୁରକ୍ଷା, ବାକ୍ୟ କାର୍ଯ୍ୟ ଓ ଉଦ୍ଦେଶ୍ୟ ଏକ ଅଟେ । (୨ ଯୋହନ ୯, ଯୋହନ ୧୦:୨୭-୩୦, ଯୋହନ ୧୪:୮-୧୧, ୧୪:୧୬-୨୮, କଲସୀ ୨:୮-୧୦) ଉଭୟେ ଦୟା କରୁଣାମୟ ଅଟନ୍ତି । କିନ୍ତୁ ଦୁହେଁ ଏକ ବ୍ୟକ୍ତି ନୁହଁନ୍ତି ।

ଯୀଶୁଖ୍ରୀଷ୍ଟ ପବିତ୍ର ଆତ୍ମାଙ୍କୁ ଏକ ବ୍ୟକ୍ତି ରୂପେ ଯୋହନ ୧୬:୭-୧୬ ପଦଗୁଡ଼ିକରେ ଉପସ୍ଥାପିତ କରନ୍ତି । ସେ ଶିକ୍ଷାଦେବାରେ ସାକ୍ଷ୍ୟ ଦେବାରେ ସକ୍ଷମ ଅଟନ୍ତି । ଆଦିମ ଖ୍ରୀଷ୍ଟିୟାନମଣ୍ଡଳୀରେ ହନନୀୟ ଓ ସଫିରା ଧରା ପଡ଼ିଲା ବେଳେ ପିତା ତାହାଙ୍କୁ କହନ୍ତି "ହେ ହନନୀୟ ପବିତ୍ର ଆତ୍ମାଙ୍କ ନିକଟରେ ମିଥ୍ୟା କହିବାକୁ ଓ ଭୂମିର ମୂଲ୍ୟରୁ କିଛି ଲୁଚାଇ ରଖିବାକୁ କାହିଁକି ଶୟତାନ ତୁମ୍ଭ ହୃଦୟ ସମ୍ପୂର୍ଣ୍ଣ ଅଧିକାର କରିଅଛି ? (ପ୍ରେରିତ ୫:୩,୪) ଏହି ବାକ୍ୟଗୁଡ଼ିକ ପବିତ୍ର ଆତ୍ମାଙ୍କ ବ୍ୟକ୍ତିତ୍ୱ ପ୍ରକାଶ କରେ । ପବିତ୍ର ଆତ୍ମାଙ୍କ କାର୍ଯ୍ୟ ବହୁଳ । ପୁରାତନ ନିୟମରେ ଭାବବାଦୀମାନେ ପବିତ୍ର ଆତ୍ମାଙ୍କ ଶକ୍ତିରେ କଥା କହୁଥିଲେ । (୨ୟ ପିତର ୧:୨୦,୨୧) ନୂତନ ନିୟମରେ ପବିତ୍ର ଆତ୍ମା ସତ୍ୟ ପ୍ରକାଶ ପ୍ରମାଣସିଦ୍ଧ କଲେ । (ମାର୍କ ୧୬:୨୦, ଏବ୍ରୀ ୨:୩,୪, ଯିହୂଦା ୩) ପ୍ରେରିତମାନଙ୍କୁ କଅଣ କହିବା ଆବଶ୍ୟକ ପବିତ୍ର ଆତ୍ମା ଜଣାଇଥିଲେ ବୋଲି ମାଥିଉ ୧୦:୧୯, ୨୦ ଓ ଯୋହନ ୧୪:୨୬, ୧୬:୧୩ ପଦଗୁଡ଼ିକରୁ ଜାଣିପାରୁ ।

ପିତା ପୁତ୍ର ଓ ପବିତ୍ର ଆତ୍ମା 'ଈଶ୍ୱରତ୍ୱ'ର ତିନୋଟି ବ୍ୟକ୍ତି । (ଯୋହନ ୧:୧-୩, ୧୪) । ଯୀଶୁଖ୍ରୀଷ୍ଟ ଇମ୍ମାନୁୟେଲ ଅର୍ଥାତ୍ 'ଆମ୍ଭମାନଙ୍କ ମହିତ ଈଶ୍ୱର' ଅଟନ୍ତି । (ଯିଶାଇୟ ୭:୧୪ ମାଥିଉ ୧:୨୨,୨୩) । ଯୀଶୁଖ୍ରୀଷ୍ଟ 'ଈଶ୍ୱରତ୍ୱ'ର ତିନୋଟି ବ୍ୟକ୍ତିତ୍ୱର ଏକ ଈଶ୍ୱର ଅଟନ୍ତି । 'ଈଶ୍ୱର' (God) ଏକ ପାରିବାରିକ ସଂଜ୍ଞା, ଯେଉଁ ସ୍ୱର୍ଗୀୟ ପରିବାରରେ ପିତା ପୁତ୍ର ଓ ପବିତ୍ର ଆତ୍ମା ଏକ ଅଭିନ୍ନ ଭାବେ ସମ୍ମିଳିତ ଅଟନ୍ତି ।

***- John Grubb***

❋❋❋

**Edited & Published by : Kabita & Joshua Gootam**

# WHERE CAN I WORSHIP GOD ACCEPTABLY?

## INTRODUCTION :

1. The Bible definitely teaches that we should worship God. (John 4:24).
2. It definitely teaches that we should gather with others to worship. (Hebrews 10:25; Acts 20:7).
3. But with some people the place of worhship becomes a problem.
4. The important question then is this : Where can I worhship God acceptably?

## DISCUSSION :

### I. Can I worship with Muslims?

1. The answer would be no.
2. They do not even believe that Christ is the Son of God.
3. Their worship is not in harmony with Bible teaching but according to the Quran.

### II: Can I worship with a Denominational Church ?

1. They use mechanical music but the Bible says to sing. (Ephesians 5:19).
2. They study man-made books but Christinas are to study the scriptures. (2 Timothy 2:15).
3. They are not true children of God so they cannot pray scriptural prayers. (John 9:31; 1 John 5:14).
4. They do not partake of the Lord's Supper each Sundays as the Bible teaches. (Acts 20:7).
5. They take up a contribution but it is used to spread false doctrine. (1 Corinthians 16:2; 2 John 10, 11).
6. So the answer is no.

### III. Can I worship in My own home?

1. Not if there is a congregation nearby.
2. That would cause division.

3. But probably the individual would not engage in the different acts of worship if he did.
4. A true Christian will not want to stay at home when he can worship with the Lord's people.

## IV. The only people I can really worship with are the Lord's People.

1. They worship as the Biblē teaches.
2. Here I can enjoy fellowship with fellow Christians.
3. In this way alone I can be strengthened and benefitted.
4. In this way alone I can please God and glorify Him.

**CONCLUSION :**

1. It makes a difference with true Christians as to where they worship.
2. If it doesn't then then there is something wrong.
3. Remember, God is the one to be pleased.

※ ※ ※ ※

FROM :

SATYA VANI
P.O.BOX. 80,
KAKINADA - 533 001.

PRINTED BOOK ONLY

TO

(FOR PRIVATE CIRCULATION ONLY)